# ପ୍ରଦୂଷଣ ବଳୟରେ ଜାତୀୟ ଉଦ୍ୟାନ

■୨୦୧୬ରେ ବିଶ୍ୱ ଐତିହ୍ୟ ମାନ୍ୟତାରୁ ବାଦ୍‌ପଡ଼ିଛି ଭିତରକନିକା
■ଉପାନ୍ତ ଅଞ୍ଚଳରେ ନାଇଟ୍ରେଟ, ଆଇରନ ଓ ଫ୍ଲୋରାଇଡ୍ ପରିମାଣ ଅଧିକ
■ହେନ୍ତାଳ ଜଙ୍ଗଲ ବନ୍ୟ ଓ ସାମୁଦ୍ରିକ ପ୍ରାଣୀ ପାଇଁ ବିପଦ

**କେନ୍ଦ୍ରାପଡ଼ା ଅଫିସ, ୨୯।୭:** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକା ବିଭିନ୍ନ କାରଣରୁ ସଙ୍କୁଚିତ ହେବା ସହ ପ୍ରଦୂଷଣ ବଳୟକୁ ଠେଲି ହୋଇ ଯାଉଛି। ଏହି ଧାରା ଜାରି ରହିଲେ ଜାତୀୟ ଉଦ୍ୟାନ ମାନ୍ୟତା ହରାଇବା ସହ ଜିଲାର ପର୍ଯ୍ୟଟନ ଶିଳ୍ପ ବିପର୍ଯ୍ୟସ୍ତ ହେବ। ବିଶ୍ୱର ବିସ୍ମୟ ଭିତରକନିକା। ବିବିଧ ସମ୍ପଦରେ ତା'ର ଅବୟବ ଭରପୂର। ରଙ୍ଗବେରଙ୍ଗ ପକ୍ଷୀ, ବିରଳ ସାମୁଦ୍ରିକ କଇଁଛ, ବଉଳା କୁମ୍ଭୀର ଆଦି ପର୍ଯ୍ୟଟକ ଓ ଗବେଷକଙ୍କୁ ଆକୃଷ୍ଟ କରିଥାଏ। ଏହା ମଧ୍ୟରେ ଥିବା ଔଷଧୀୟ ଗୁଳ୍ମଠାରୁ ଆରମ୍ଭ କରି ଲୁଣା ଜଙ୍ଗଲ ସର୍ବଦା ପ୍ରକୃତିପ୍ରେମୀଙ୍କୁ ଆକୃଷ୍ଟ କରିଆସିଛି। ବ୍ରାହ୍ମଣୀ, ବୈତରଣୀ, ଧାମରା ମୁହାଣରେ ସୃଷ୍ଟି ହୋଇଥିବା ତ୍ରିକୋଣଭୂମି ଅଞ୍ଚଳରେ ଭିତରକନିକାର ଅବସ୍ଥିତି। ଏହାର ପ୍ରାକୃତିକ ପରିବେଶ, ଭୂମିର ଗଢ଼ଣ, ଜୈବ ବିବିଧତା ପାଇଁ ୬୨ ପ୍ରକାର ହେନ୍ତାଳ ଗଛ ସହ ୨୧୫ ପ୍ରକାର ଜୀବଜନ୍ତୁ ବାସ କରୁଛନ୍ତି। ୨୦୧୬ରେ ଭିତରକନିକାକୁ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ଦେବା ପାଇଁ ୟୁନେସ୍କୋ ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ଭିତରକନିକା ସୀମା ସରହଦ ଭିତରେ ବାଂଲା ଶରଣାର୍ଥୀଙ୍କ ବସବାସ, ସେମାନଙ୍କ ଦ୍ୱାରା ହେନ୍ତାଳ ବଣ ନଷ୍ଟ କରାଯାଇ ଚିଙ୍ଗୁଡ଼ି ଚାଷ କରିବା, ସେହି ଅଞ୍ଚଳରେ ଘରବାଡ଼ି କରିବା ଆଦି କାରଣରୁ ବିଶ୍ୱ ଐତିହ୍ୟ ମାନ୍ୟତାରୁ ଏହା ବାଦ୍ ପଡ଼ିଲା।

ରାଜ୍ୟ ସରକାରଙ୍କ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ ୨୦୧୧ରେ ଏକ ସର୍ଭେ କରିଥିଲା। ବୋର୍ଡ କର୍ମକର୍ତ୍ତା ଭୂତଳ ଜଳକୁ ପରୀକ୍ଷା କରି ଜାଣିଥିଲେ ଯେ, ଉପାନ୍ତ ଅଞ୍ଚଳରେ ନାଇଟ୍ରେଟ, ଆଇରନ ଓ ଫ୍ଲୋରାଇଡ୍ ପରିମାଣ ସାଧାରଣ ଜଳଠାରୁ ଢ଼େର ଅଧିକ, ଯାହା ଭିତରକନିକାର ଜୈବ ବିବିଧତାକୁ ନଷ୍ଟ କରିବ। ଭୂତଳ ଜଳକୁ ରିଚାର୍ଜ ପାଇଁ ନଦୀ, ଶାଖାନଦୀ ଓ ଅନ୍ୟାନ୍ୟ ଜଳଧାରାରେ କୃତ୍ରିମ ବନ୍ଧ ସ୍ଥାପନ ସହ ବର୍ଷାଜଳକୁ ସଂରକ୍ଷଣ ପାଇଁ ପରାମର୍ଶ ଦେଇଥିଲେ। ୨୦୧୪ରେ ବାରିପଦାସ୍ଥ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲୋଜି ବିଭାଗର ବି.ସି. ବେହେରା, ଭୁବନେଶ୍ୱରସ୍ଥ ଏମ୍‌ଆଇଟିଏସ୍ ସ୍କୁଲ ଅଫ ବାୟୋଟେକ୍ନୋଲୋଜିର ଆର.ଆର. ମିଶ୍ର, କଲେଜ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଏଚ.ଏନ. ଥାଟୋଇ, ବାଙ୍ଗାଲୋରସ୍ଥ ଆଇଆଇଏସ୍‌ର ଏସ.କେ. ଦତ୍ତା, ରାଉରକେଲାସ୍ଥ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଜେ.କେ. ପାତ୍ର ପ୍ରମୁଖ ଭିତରକନିକାସ୍ଥ ମହାନଦୀ ଡେଲ୍‌ଟା ଅଞ୍ଚଳ ଓ ଭିତରକନିକା ଅଞ୍ଚଳକୁ ସର୍ବେକ୍ଷଣ କରିଥିଲେ। ସେମାନଙ୍କ ମିଳିତ ରିପୋର୍ଟ କେନ୍ଦ୍ରାପଡାବାସୀ ତଥା ପ୍ରକୃତିପ୍ରେମୀଙ୍କ ପାଇଁ ଉଦ୍‌ବେଗ ସୃଷ୍ଟି କରିଛି। ଏହି ଅଞ୍ଚଳ ଜଳ ପରୀକ୍ଷଣରେ କ୍ଲୋରାଇଡ୍, ଫସ୍‌ଫେଟ, ମ୍ୟାଗ୍ନେସିୟମ ସହ ଟିଡିଏସ୍ (ଟୋଟାଲ ଡିଜଲଭଡ୍ ସଲିଡସ) ବହୁ ପରିମାଣରେ ବୃଦ୍ଧି ପାଇଛି। ଏହାର କାରଣ ସହର ଓ ଶିଳ୍ପର ବର୍ଜ୍ୟବସ୍ତୁ ପରିଚାଳନାରେ ଅବହେଳା ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଜମ୍ବୁଠାରେ ହଂସୁଆ ନଦୀଜଳ, ଖରିନାସୀଠାରେ ହେନ୍ତାଳ ଜଙ୍ଗଲ ମଧ୍ୟରେ ଥିବା ଜଳ, ତ୍ରିବେଣୀ ଓ ନୂଆଗଡାର ଚିଙ୍ଗୁଡି ଫାର୍ମ ଜଳ ସହ ଜଗତ୍‌ସିଂହପୁର ଜିଲାରେ ଥିବା ଇଫ୍‌କୋ ଓ ପିପିଏଲ୍ ନିକଟ ମହାନଦୀ ଜଳକୁ ଏହି ସମୟରେ ପରୀକ୍ଷା କରାଯାଇଥିଲା। ରିପୋର୍ଟରେ ସେମାନେ ସମୀକ୍ଷା କରିଛନ୍ତି, ସାଧାରଣ ପିଇବା ପାଣିରେ ଲିଟର ପ୍ରତି ୨୫୦ ମିଲିଗ୍ରାମ କ୍ଲୋରାଇଡ୍ ରହିବା ପାଇଁ ରାଜ୍ୟ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ ନିୟମ କରିଛନ୍ତି। ଏହି ପରିମାଣ ୧୦୦୦ ମିଲିଗ୍ରାମ ପର୍ଯ୍ୟନ୍ତ ବଢ଼ିପାରେ। ତେବେ ଏହି ସ୍ଥାନଗୁଡ଼ିକରେ ୪୩୮୯ ମିଲିଗ୍ରାମରୁ ୧୨,୫୭୫ ମିଲିଗ୍ରାମ କ୍ଲୋରାଇଡ ରହିଛି। ସେହିପରି ଫସ୍‌ଫେଟ ବହୁ ପରିମାଣରେ ବୃଦ୍ଧି ପାଇଥିବା ବେଳେ ନାଇଟ୍ରେଟ ସାଧାରଣସ୍ତରରେ ଅଛି। କ୍ୟାଲସିୟମର ପରିମାଣ ବଦଳୁଥିବାବେଳେ ନଦୀଜଳରେ ଶିଳ୍ପରୁ ବର୍ଜ୍ୟବସ୍ତୁ ଛଡାଯାଉଥିବା ସେମାନେ ଦର୍ଶାଇଛନ୍ତି। ସେହିପରି ସହରର ବର୍ଜ୍ୟବସ୍ତୁ ନଦୀଜଳକୁ ଛଡାଯାଉଥିବାରୁ ମ୍ୟାଗ୍ନେସିୟମ ବଢୁଥିବା ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏହା ଭିତରକନିକାର ହେନ୍ତାଳ ଜଙ୍ଗଲ, ଲୁଣାଞ୍ଚଳରେ ବଢୁଥିବା କୁମ୍ଭୀର ଓ ପକ୍ଷୀ ପାଇଁ ବିପଦ ସୃଷ୍ଟି କରୁଥିବା ନେଇ ସେମାନେ ଚିନ୍ତା ପ୍ରକଟ କରିଛନ୍ତି। ଅଧିକ ହେନ୍ତାଳ ବନ ସହ ପ୍ରଦୂଷଣ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପର ହେବା ଆବଶ୍ୟକ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।


ଭିତରକନିକା ମଧ୍ୟରେ ଥିବା ପାଟଶାଳା ନଦୀ।

# ଶ୍ରମିକଙ୍କୁ ତଡ଼ିଲେ ଉଦୟବିହାର ବାସିନ୍ଦା

**ପାରାଦୀପ, ୨୯।୭(ସ୍ୱ.ପ୍ର.)**

ପାରାଦୀପ ତୈଳବିଶୋଧନାଗାର ମେଣ୍ଟେନାନ୍ସ ପାଇଁ ରାଜ୍ୟ ବାହାରୁ ଆସିଥିବା ଶ୍ରମିକଙ୍କୁ ନେଇ ଉଦୟବିହାର କଲୋନୀରେ ବୁଧବାର ତୁମ୍ବିତୋଫାନ ହୋଇଛି। ଶେଷରେ ଶ୍ରମିକମାନଙ୍କୁ ସ୍ଥାନୀୟ ସରପଞ୍ଚ ଓ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଛି।

ସୂଚନାଅନୁସାରେ, ତୈଳବିଶୋଧନାଗାର ମେଣ୍ଟେନାନ୍ସ ପାଇଁ ଏକାଧିକ ଠିକାସଂସ୍ଥା ବାହାର ରାଜ୍ୟର ଶ୍ରମିକ ଆଣି ବିଭିନ୍ନ ସ୍ଥାନରେ ରଖିଛନ୍ତି। ସେମାନଙ୍କ ଯୋଗୁ ପାରାଦୀପରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ବିବାଦ ସୃଷ୍ଟି ହୋଇଛି। ପ୍ରଥମେ ନିମିଢି ଗ୍ରାମର ଲୋକେ ଏହାକୁ ବିରୋଧ କରିଥିଲେ। ମଙ୍ଗଳବାର ରାତିରେ ୨ଟି ବସ୍‌ରେ ଆସିଥିବା ଶ୍ରମିକଙ୍କୁ ଲକ୍ ଥାନା ଅନ୍ତର୍ଗତ ଚୂନ ଗ୍ରାମରେ ବିରୋଧ କରାଯାଇଥିଲା। ଏଲଆଣ୍ଡଟି କମ୍ପାନୀ ପକ୍ଷରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ଉଦୟବିହାର କଲୋନୀର ଏକ ଘରେ କ୍ୱାରାଣ୍ଟାଇନ କେନ୍ଦ୍ର କରାଯାଇ ରଖାଯାଇଥିଲା।

ସେହି ଶ୍ରମିକମାନେ ଖୋଲା ଖୋଲି ଚଳପ୍ରଚଳ କରିବାରୁ ବୁଧବାର ସକାଳେ କଲୋନୀ ବାସିନ୍ଦା ଏହାକୁ ବିରୋଧ କରି ଧାରଣା ଦେଇଥିଲେ ଏବଂ ପ୍ରଶାସନକୁ ଏକ ଦାବିପତ୍ର ଦେଇଥିଲେ। କଲୋନୀ ମୁରବି ପ୍ରସନ୍ନ ସାମନ୍ତରାୟ, ଶ୍ରୀରାମଚନ୍ଦ୍ର ସାହୁ, ସୂର୍ଯ୍ୟକାନ୍ତ ବେହେରା, ଦୁର୍ଯ୍ୟୋଧନ ସ୍ୱାଇଁ ପ୍ରମୁଖ ଦର୍ଶାଇଥିଲେ ଯେ ବାହାର ରାଜ୍ୟ ଶ୍ରମିକ ରହିବା ଫଳରେ ସେମାନଙ୍କୁ କ୍ୱାରାଣ୍ଟାଇନରେ ରହିବାକୁ ପଡୁଛି। ତେଣୁପରିବାରର ସୁରକ୍ଷା ପାଇଁ ବାହାର ଲୋକଙ୍କୁ ସ୍ଥାନାନ୍ତର କରାଯାଉ। ଏପରି ଖବର ପ୍ରଶାସନ ପାଖରେ ପହଞ୍ଚିବା ପରେ କୋଭିଡ୍ ଦାୟିତ୍ୱରେ ଥିବା ପୂଜା ଲେଙ୍କା ଓ ନୂଆଗଡ଼ ସରପଞ୍ଚ ବବିତା ସେଠି ପହଞ୍ଚି ଶ୍ରମିକଙ୍କୁ ସ୍ଥାନାନ୍ତର ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ କହିଥିଲେ। ବାହାର ରାଜ୍ୟ ଲୋକ ଯିବା ପରେ କଲୋନୀକୁ କମ୍ପାନୀ ସାନିଟାଇଜ କରିବ ବୋଲି ଲେଙ୍କା ସୂଚନା ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା। ଅପରାହ୍ନରେ ଠିକାସଂସ୍ଥା ଶ୍ରମଜୀବିଙ୍କୁ ସ୍ଥାନାନ୍ତର କରିବା ସହ ସାନିଟାଇଜ କରିଥିବା ଜଣାପଡ଼ିଛି।


ଶ୍ରମିକଙ୍କୁ ହଟାଇବା ପାଇଁ ଉଦୟବିହାର ବାସିନ୍ଦା ଧାରଣା ଦେଇଛନ୍ତି।

# 'କଣ୍ଟେନର ଭିତ୍ତିକ ଆମଦାନୀ ଓ ରପ୍ତାନି ପ୍ରବାହକୁ ସହଜ କରିବ'

## ଜେଏସ୍‌ଏଲ୍, ଭିସିଟିପିଏଲ୍ ମଧ୍ୟରେ ଚୁକ୍ତି

**ଯାଜପୁର ଅଫିସ/ କଳିଙ୍ଗନଗର (ଡି.ଏନ୍.ଏ.), ୨୯।୭**

କଳିଙ୍ଗନଗର ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସ୍‌ଏଲ୍), ସମନ୍ୱିତ କଣ୍ଟେନର ଲଜିଷ୍ଟିକ୍ସ କମ୍ପାନୀ ମସର୍କ ଓ ଭାଇଜାଗ କଣ୍ଟେନର ଟର୍ମିନାଲ (ଭିସିଟିପିଏଲ୍) ମଧ୍ୟରେ ଏକ ଚୁକ୍ତି ସମ୍ପନ୍ନ ହୋଇଛି। ଏହା କଣ୍ଟେନର ଭିତ୍ତିକ ଆମଦାନୀ, ରପ୍ତାନି ପ୍ରବାହକୁ ସହଜ କରିବ ଓ ସେଥିରେ ଉନ୍ନତି ଆଣିବା ଏହି ଚୁକ୍ତିର ଉଦ୍ଦେଶ୍ୟ ବୋଲି ସୂଚନା ମିଳିଛି। ଚୁକ୍ତିର ସର୍ତ୍ତାବଳୀ ଅନୁଯାୟୀ, ନୂତନ ଭାବେ ଯାଜପୁରଠାରେ କାର୍ଯ୍ୟକ୍ଷମ ହୋଇଥିବା ଅନ୍ତର୍ଦ୍ଦେଶୀୟ କଣ୍ଟେନର ଡିପୋ (ଆଇସିଡି) ଜିନ୍ଦଲ ଷ୍ଟେନଲେସ ଲଜିଷ୍ଟିକ୍ସ ପାର୍କ (ଜେଏସ୍‌ଏଲ୍‌ପି) ଓ ଭାଇଜାଗ ମଧ୍ୟରେ ରେଳରୁ ରେଳ ପର୍ଯ୍ୟନ୍ତ କଣ୍ଟେନର ପରିବହନ କାର୍ଯ୍ୟ ମସର୍କ କରିବ। ପ୍ରଥମ ରେଳକୁ ଜୁଲାଇ ୨୪ରେ ପତାକା ଦେଖାଇ ଉନ୍ମୋଚନ କରାଯାଇଛି। ଏହି ସହଯୋଗିତା ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ଏମ୍‌ଡି ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଜିନ୍ଦଲ ଷ୍ଟେନଲେସ ହେଉଛି କଣ୍ଟେନର ଭିତ୍ତିକ ଷ୍ଟେନଲେସ ଷ୍ଟିଲ ସ୍କ୍ରାପର ଭାରତର ସର୍ବବୃହତ ଆମଦାନିକାରୀ। ମସର୍କ ସହିତ ଆମର ସହଯୋଗିତା ଉଭୟଙ୍କ ପାଇଁ ଲାଭଦାୟକ ହୋଇଥିବା ବେଳେ ଏହା ଆମର ପରିମାଣ ଓ ସେମାନଙ୍କ ବିଶେଷତ୍ୱକୁ ଉପଯୋଗ କରିବ।

# କେନ୍ଦ୍ରାପଡ଼ାରେ ୮ ନୂଆ ଆକ୍ରାନ୍ତ, ମୋଟ ସଂଖ୍ୟା ୪୪୯

**କେନ୍ଦ୍ରାପଡ଼ା ଅଫିସ, ୨୯।୭**

କେନ୍ଦ୍ରାପଡା ଜିଲାରେ ୮ ଜଣ କରୋନା ଆକ୍ରାନ୍ତ ମଙ୍ଗଳବାର ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୪୪୯ରେ ପହଞ୍ଚିଛି। ପୂର୍ବରୁ ଜିଲାର ୬ଟି ସ୍ଥାନ ସହ ମଙ୍ଗଳବାର ସନ୍ଧ୍ୟାରେ ୩ଟି ଅଞ୍ଚଳରେ ନୂତନ କଣ୍ଟେନ୍‌ମେଣ୍ଟ ଜୋନ୍ ଜିଲା ପ୍ରଶାସନ ପକ୍ଷରୁ ଘୋଷଣା ହୋଇଛି। କେନ୍ଦ୍ରାପଡା ମୁନିସିପାଲିଟିର ୨୦ ଓ ୨୧ ୱାର୍ଡର ଆଂଶିକ ଅଞ୍ଚଳ, ଡେରାବିଶ ବ୍ଲକ ବାଲିଆ ଗ୍ରାମର ୫ ଓ ୬ନଂ. ୱାର୍ଡ ଓ ଆଳି ବ୍ଲକ ଚଣ୍ଡିଆଗଡି ପଞ୍ଚାୟତର ମାଳପାଟଣା ଗ୍ରାମର ୯ ଓ ୧୦ନଂ. ୱାର୍ଡ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ହୋଇଛି। ଅପରପକ୍ଷରେ ଆଳି ଓ ରାଜକନିକା ବ୍ଲକର ୨ ଜଣ ଲେଖାଏ, ପଟ୍ଟାମୁଣ୍ଡାଇ, ମାର୍ଶାଘାଇ ଓ କେନ୍ଦ୍ରାପଡା ବ୍ଲକ ସହ ପୌରାଞ୍ଚଳର ଜଣେ ଲେଖାଏ ବ୍ୟକ୍ତି କରୋନା ସଂକ୍ରମିତ ହୋଇଛନ୍ତି। ଏସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଚିହ୍ନଟ ୮ ଜଣଙ୍କ ମଧ୍ୟରୁ ୩ ଜଣ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ସମସ୍ତଙ୍କୁ କୋଭିଡ୍ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଆଦ୍ୟାବଧି ୩୬୨ ଜଣ ସୁସ୍ଥ ହୋଇଥିବା ବେଳେ ୮୪ ଜଣ ଚିକିତ୍ସିତ ହେଉଛନ୍ତି। ଏଥିସହ ନାମ ଗୋପନ ରଖିବା ସର୍ତ୍ତରେ ସେ କରୋନା ଲକ୍ଷଣଜନିତ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେବାକୁ ନିବେଦନ କରିଛନ୍ତି।

# ନୟାଗଡ଼ରେ ୨୯ ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ/ଭାପୁର, ୨୯।୭(ଡି.ଏନ୍.ଏ.)**

ନୟାଗଡ଼ ଜିଲାରେ ବୁଧବାର ଚିହ୍ନଟ ୨୯ କରୋନା ପଜିଟିଭ୍ ସ୍ଥାନୀୟ ଅଞ୍ଚଳର। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୩୭ରେ ପହଞ୍ଚିଛି। ଚିହ୍ନଟ ପଜିଟିଭ୍ ମଧ୍ୟରୁ ସର୍ବାଧିକ ୨୨ ଜଣ ଭାପୁର ବ୍ଲକରୁ ବାହାରିଛନ୍ତି। ୧୩ ଜଣ ଫତେଗଡ ଅଞ୍ଚଳର, ଯେଉଁମାନେ ସ୍ଥାନୀୟ ତେଲିସାହିର ଜଣେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିଲେ। ଏଣୁ ଫତେଗଡ ସରପଞ୍ଚ ତୋଫାନ କୁମାର ପ୍ରଧାନ ସଂକ୍ରମଣକୁ ଏଡାଇବା ପାଇଁ ୨୯ ସକାଳ ୬ରୁ ୩୧ ସକାଳ ୬ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଫତେଗଡ ଗ୍ରାମ ସହ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ ଏହି ୨ଦିନ ବନ୍ଦ ରହିବ। ଅନ୍ୟପକ୍ଷେ ଦଶପଲ୍ଲା ବ୍ଲକର ୨, ଖଣ୍ଡପଡାର ୧, ରଣପୁରର ୨, ନୟାଗଡ ମ୍ୟୁନିସିପାଲିଟିରୁ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲାପାଳ ପୋମା ଟୁଡୁ ସୂଚନା ଦେଇଛନ୍ତି।

# ନନ୍ଦ ସାର୍‌ଙ୍କୁ ସମ୍ବର୍ଦ୍ଧିତ କଲେ ଗଣଶିକ୍ଷା ମନ୍ତ୍ରୀ


ନନ୍ଦକିଶୋର ପୃଷ୍ଟିଙ୍କୁ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ସମ୍ବର୍ଦ୍ଧିତ କରୁଛନ୍ତି।

## ଆଜି ବି ବଞ୍ଚିଛି ଚାଟଶାଳୀ ଶିକ୍ଷା

**ସୁକିନ୍ଦା, ୨୯।୭ (ଡି.ଏନ୍.ଏ.)**

ବିନା ଦରମାରେ ୩ ପିଢ଼ି ହେବ ଶିକ୍ଷାଦାନ କରୁଥିବା ନନ୍ଦକିଶୋର ପୃଷ୍ଟି(୯୪)ଙ୍କୁ ବୁଧବାର ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଭେଟି ସମ୍ବର୍ଦ୍ଧିତ କରିଛନ୍ତି। ଏବେର ଶିକ୍ଷାନୀତି ଓ ଶିକ୍ଷକଙ୍କ ଉପରେ କ୍ରମଶଃ ଆସ୍ଥା ତୁଟି ଯାଉଥିବା ବେଳେ ଶିକ୍ଷାଦାନର ମହତାକାଂକ୍ଷା ଏବେ ବି ଭୁଶୁଡ଼ିନାହିଁ ବୋଲି ମନ୍ତ୍ରୀ ଦାସ ଏହି ଅବସରରେ ପ୍ରକାଶ କରିଛନ୍ତି। ସୁକିନ୍ଦା ବ୍ଲକ ଅଧୀନ ବର୍ତ୍ତଣ୍ଡା ପଞ୍ଚାୟତ ଅଧୀନ କନ୍ତିରା ଗ୍ରାମର ନନ୍ଦକିଶୋର ପୃଷ୍ଟି ସମଗ୍ର ନଦୀକୂଳ ଅଞ୍ଚଳର ଆଦର୍ଶ ଶିକ୍ଷକ ହୋଇପାରିଛନ୍ତି। ୧୯୩୯ରେ ହାତିବାରି ମାଇନର ସ୍କୁଲରୁ ୭ମ ଶ୍ରେଣୀ ପାସ୍ କରିବା ପରେ ଦାରିଦ୍ର୍ୟର କାଷାଘାତରେ ସେ ଉଚ୍ଚ ଶିକ୍ଷା ପାଇପାରି ନ ଥିଲେ। କିନ୍ତୁ ନିଜ ଗାଁର ପିଲାଙ୍କୁ ପାଠପଢାଇ ମଣିଷ କରିବା ଲକ୍ଷ୍ୟରେ ଆରମ୍ଭ କଲେ ମାଗଣା ଶିକ୍ଷାଦାନ। ୧୯୪୬ କିମ୍ବା ୧୯୪୭ ବେଳକୁ ଗାଁର ଏକ ଗଛମୂଳେ ଚାଟଶାଳି ଟିଏ ଆରମ୍ଭ କରିଥିଲେ। ଯେଉଁଥିରେ ଏଯାବତ୍ ତିନି ପିଢିର ହଜାର ହଜାର ଛାତ୍ରୀଛାତ୍ର ପାଠପଢ଼ି ସମାଜରେ ବିଭିନ୍ନ ପଦପଦବୀରେ ଅଳଙ୍କୃତ ହୋଇପାରିଛନ୍ତି। କିଛିଦିନ ତଳେ ଏହି ଚାଟଶାଳୀକୁ ସ୍କୁଲରେ ପରିଣତ କରିବାକୁ ସ୍ଥାନୀୟ ବିଧାୟକ ପ୍ରୀତିରଞ୍ଜନ ଦାସ କଥା ଦେଇଯାଇଥିଲେ। ଏହି କ୍ରମରେ ଗଣଶିକ୍ଷାମନ୍ତ୍ରୀ ଦାସ ଓ ବିଧାୟକ ଘଡେଇ ନନ୍ଦ ସାରଙ୍କ ଗାଁ ଅର୍ଥାତ୍ କନ୍ତିରା ଗ୍ରାମରେ ପହଞ୍ଚି ତାଙ୍କ ଚାଟଶାଳି ନିମନ୍ତେ ଏକ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ଶୁଭାରମ୍ଭ କରିଛନ୍ତି।

# ଜାରକା ବନ୍ଧନ ବ୍ୟାଙ୍କ ସିଲ୍

**ଧର୍ମଶାଳା, ୨୯।୭ (ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜାରକା ନିକଟସ୍ଥ ଶାନ୍ତି ବଜାରଠାରେ ଥିବା ବନ୍ଧନ ବ୍ୟାଙ୍କର ଜଣେ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହେବା ପରେ ୭ଦିନ ପାଇଁ ବ୍ୟାଙ୍କ ସିଲ୍ କରିଦିଆଯାଇଛି। ସମ୍ପୃକ୍ତ କର୍ମଚାରୀଙ୍କ ଦେହରେ କରୋନା ଲକ୍ଷଣ ଦେଖାଯିବାରୁ ସେ ଟେଷ୍ଟ କରାଇଥିଲେ। ରିପୋର୍ଟ ପଜିଟିଭ୍ ଆସିବା ପରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ଆଇଆଇସି ସରୋଜ କୁମାର ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁଧୀର ସାହୁ ପ୍ରମୁଖ ସେଠାରେ ପହଞ୍ଚି ତାଙ୍କ ଟ୍ରାଭେଲ ହିଷ୍ଟ୍ରି ପଚାରି ବୁଝିବା ସହ ତାଙ୍କୁ କୋଭିଡ୍ କେୟାର ହସ୍ପିଟାଲକୁ ସ୍ଥାନାନ୍ତର କରଥିଲେ। ବ୍ୟାଙ୍କର ଅନ୍ୟ କର୍ମଚାରୀମାନଙ୍କୁ ୭ଦିନ ଲାଗି କ୍ୱାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି।

# ଅସରାଏ ବର୍ଷାରେ ଧୋଇଗଲା ଆପ୍ରୋଚ୍ ରୋଡ୍

## ଦୁଧେଇ ନଦୀ ପୋଲ ସଂଯୋଗୀକରଣ ରାସ୍ତା

■ରାସ୍ତା ପୁନଃ ନିର୍ମାଣ ଦାବି କଲେ ଅଞ୍ଚଳବାସୀ
■ଠିକ୍ ଭାବେ କାର୍ଯ୍ୟ କରା ନ ଗଲେ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ସୁନନ୍ଦା ଦାସ ବରୀ ବିଧାୟିକା

**ବରୀ, ୨୯।୭ (ଡି.ଏନ.ଏ)**

ବରୀ ବ୍ଲକ ଅଧୀନ ବାଲିବିଲ ପଞ୍ଚାୟତର ଡିଅସାହି ରାଜସ୍ୱ ଗ୍ରାମ-ଦୁଧେଇ ନଦୀ ପୋଲ ସଂଯୋଗୀକରଣ ରାସ୍ତା ଅସରାଏ ବର୍ଷାରେ ଧୋଇଯାଇଛି। ପୋଲର ଉଭୟ ପାର୍ଶ୍ୱରେ ପ୍ରାୟ ୭ଶହ ମିଟର ରାସ୍ତା ପାଇଁ ୯୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଧାର୍ଯ୍ୟ ହୋଇଥିବା ବେଳେ ଆଶୀର୍ବାଦ କନଷ୍ଟ୍ରକସନ ନିର୍ମାଣ ଦାୟିତ୍ୱରେ ରହିଛି। ତେବେ କାମ ନ ସରୁଣୁ ଡିଅସାହି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଧୋଇଯାଇଥିବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ରାସ୍ତାରେ ମାଟି ପକାଯିବା ସହ ଉଭୟ ପାର୍ଶ୍ୱରେ ପଥର ପ୍ୟାକିଂ କରାଯିବା କଥା। ମାତ୍ର ଦାୟିତ୍ୱରେ ଥିବା ଠିକାଦାର ରାସ୍ତାରେ ମାଟି ବଦଳରେ ବାଲି ପକାଇଥିବା ବେଳେ ଗୋଟିଏ ପାର୍ଶ୍ୱରେ ପଥର ପ୍ୟାକ୍ କରି ଅନ୍ୟପଟେ ବାଲି ବସ୍ତା ଦେଇଛନ୍ତି। ରାସ୍ତାକାମ କରୁଥିବା ଠିକାଦାର ମନଇଚ୍ଛା କାମ କରୁଥିବା ବେଳେ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ବିଭାଗ ଅଧିକାରୀଙ୍କୁ ଅବଗତ କରାଯିବା ପରେ ବି କିଛି ପଦକ୍ଷେପ ନିଆଯାଇ ନ ଥିବାରୁ ଅସରାଏ ବର୍ଷା ପରେ ରାସ୍ତାର ଏଭଳି ଅବସ୍ଥା ହୋଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି।

ଅନ୍ୟପଟେ ନଦୀ ସଂଲଗ୍ନ ଚାଷଜମି ଏହାଦ୍ୱାରା ନଦୀଗର୍ଭରେ ଲୀନ ହେଲାଭଳି ପରିସ୍ଥିତି ଉପୁଜିଛି ବୋଲି ସ୍ଥାନୀୟ ଚାଷୀ ଓ ଅଞ୍ଚଳବାସୀ ବରୀ ବିଧାୟକ, ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି ପଥର ପ୍ୟାକିଂ ବଦଳରେ ବାଲି ବସ୍ତା ଦିଆଯିବା ଯୋଗୁ ନଦୀରେ ବନ୍ୟାପାଣି ଆସିଲେ ଆଖପାଖ ଅଞ୍ଚଳବାସୀଙ୍କ ପାଇଁ ଏହା ବିପଦ ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେବେ ତୁରନ୍ତ ଏହାର ତଦନ୍ତ କରାଯାଇ ନୂତନ ଭାବେ ଆପ୍ରୋଚ୍ ରୋଡ୍ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ସ୍ଥାନୀୟ ଲୋକେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣା, କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ପାଣିଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସେମାନେ ଫୋନ୍ ରିସିଭ୍ ନ କରିବାକୁ ସେମାନଙ୍କ ମତାମତ ନିଆଯାଇପାରିନାହିଁ। ଏ ସଂକ୍ରାନ୍ତରେ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ପଚାରିବାରେ ଲୋକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ସେତୁ ନିର୍ମାଣ କାର୍ଯ୍ୟ ଶେଷ ପାଇଁ ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ କାର୍ଯ୍ୟରେ ଅନିମିତତା ହେଉଥିବା ସମ୍ପର୍କରେ ଅଞ୍ଚଳବାସୀ ତାଙ୍କ ନଜରକୁ ଆଣିଛନ୍ତି। ଠିକ୍ ଭାବେ କାର୍ଯ୍ୟ କରା ନ ଗଲେ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ନଦୀ ସଂଲଗ୍ନ ରାସ୍ତା ଧୋଇଯାଇଛି।

## ସଂକ୍ଷେପରେ

### ଯୋଗାଣ ବିଭାଗ ଖୁଚୁରା ବିକ୍ରେତା ନିଲମ୍ବିତ

**ଯାଜପୁର ଟାଉନ୍, ୨୯।୭ (ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅଧୀନ ଅଣ୍ଡିଆ ପଞ୍ଚାୟତ ଅଣ୍ଡିଆ ଗ୍ରାମର ଯୋଗାଣ ବିଭାଗର ଖୁଚୁରା ବିକ୍ରେତା ଚକ୍ରଧର ବଳଙ୍କୁ ଉପ ଜିଲାପାଳ ନାରାୟଣ ଚନ୍ଦ୍ର ଧଳ ନିଲମ୍ବିତ କରିଛନ୍ତି। ଖୁଚୁରା ସାମଗ୍ରୀ ବଣ୍ଟନରେ ଅନିୟମିତତା ହୋଇଥିବା ଅଭିଯୋଗ ମିଳିବା ପରେ ଜିଲା ଯୋଗାଣ ବିଭାଗର ଏକ ତ୍ୱରିତ ବାହିନୀ ଏହାର ତଦନ୍ତ କରିଥିଲେ। ଅଭିଯୋଗରେ ସତ୍ୟତା ଅନୁଭବ କରି ଟିମ୍ ରିପୋର୍ଟ ଦାଖଲ କରିବା ପରେ ସମ୍ପୃକ୍ତ ଖୁଚୁରା ବିକ୍ରେତାଙ୍କୁ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି।

### ୩ଗାଡ଼ି ଜବତ, ୪୨ହଜାର ଜରିମାନା ଆଦାୟ

**ରସୁଲପୁର, ୨୯।୭ (ଡି.ଏନ୍.ଏ.):** ରସୁଲପୁର ତହସିଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣକାରୀଙ୍କଠାରୁ ୪୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ପରିବହନରେ ବ୍ୟବହୃତ ୩ଟି ଗାଡି ଜବତ ହୋଇଛି। ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ରାଜସ୍ୱ ନିରୀକ୍ଷକ ଦୁର୍ଜ୍ଜୟ ଷଡ଼ଙ୍ଗୀ, ରମେଶ ସାହୁଙ୍କ ସମେତ ଏକ ଟିମ୍ ଜାତୀୟ ରାଜପଥ ଉପରେ ଯାଉଥିବା ଗୋଟିଏ ଟିପ୍ପର ବୋଝେଇ ଟ୍ରାକ୍ଟର, ଟିପ୍ପର ଜବତ କରିବା ସହ କଲଣ ବେଆଇନ ବାଲିଘାଟରୁ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ଜରିମାନା ଆଦାୟ କରାଯିବା ପରେ ଗାଡ଼ିଗୁଡ଼ିକୁ ଛାଡ଼ି ଦିଆଯାଇଛି।

### ଶଙ୍ଖପୁର ପଞ୍ଚାୟତର ୬ ୱାର୍ଡ ଶଟ୍‌ଡାଉନ

**ବାଲିଆ, ୨୯।୭:** ବିରିଡି ବ୍ଲକ ଶଙ୍ଖପୁର ପଞ୍ଚାୟତରେ ସର୍ବାଧିକ ୧୭ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତେବେ ଏହା ଲୋକାଲ କେସ ହୋଇଥିବାରୁ ସରପଞ୍ଚ ରଶ୍ମିରଞ୍ଜନ ବେହେରା ପଞ୍ଚାୟତର ୬ଟି ୱାର୍ଡକୁ ୧୪ ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏଥିରେ ସରସୁଧା ୩ଟି, ସାଲିଜଙ୍ଗାର ୨ଟି, ଶଙ୍ଖପୁରର ଗୋଟିଏ ୱାର୍ଡ ରହିଛି। ଚିହ୍ନଟ ଆକ୍ରାନ୍ତଙ୍କୁ କୋଭିଡ-୧୯ ହସ୍ପିଟାଲକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି। ଗୋଟିଏ ପଞ୍ଚାୟତରୁ ଏତେ ଲୋକାଲ କେସ୍ ବାହାରିବା ଦ୍ୱାରା ଉକ୍ତ ପଞ୍ଚାୟତରେ କୋକୁଆ ଭୟ ସୃଷ୍ଟି ହୋଇଛି। ତେବେ ଏଥିରେ ବିଚଳିତ ନ ହେବାକୁ ସରପଞ୍ଚ ବେହେରା ପଞ୍ଚାୟତବାସୀଙ୍କୁ ଅନୁରୋଧ କରିଛନ୍ତି।

### ପୂର୍ବତନ ରାଷ୍ଟ୍ରପତି କଲାମ ସ୍ଥିତପ୍ରଜ୍ଞ ବ୍ୟକ୍ତି ଥିଲେ

**କେନ୍ଦ୍ରାପଡ଼ା ଅଫିସ, ୨୯।୭:** କେନ୍ଦ୍ରାପଡ଼ା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କର ପଞ୍ଚମ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି। କାର୍ଯ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଆବାହକ କହିଥିଲେ, ନିଜର ଧୀ ଶକ୍ତି, ସ୍ଥିତପ୍ରଜ୍ଞ ନୀତି, ଇଚ୍ଛାଶକ୍ତିର ଭରପୂର ଉପଯୋଗ କରି ପୂର୍ବତନ ରାଷ୍ଟ୍ରପତି ତଥା ଭାରତରତ୍ନ ଏପିଜେ ଅବଦୁଲ କଲାମ ସମସ୍ତଙ୍କ ପାଇଁ ନମସ୍ୟ ହୋଇଛନ୍ତି। ବିଜ୍ଞାନ କ୍ଷେତ୍ରରେ ସେ ନିଜକୁ ଯେତିକି ପ୍ରତିଷ୍ଠା କରିଛନ୍ତି, ତା'ଠାରୁ ଅଧିକ ଦେଶର ରାଷ୍ଟ୍ରପତି ଭାବେ ସମାଜ ସେବାର ନିଦର୍ଶନ ଦେଖାଇଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ବିଚାରପତି କୁଞ୍ଜବିହାରୀ ସାହୁ, ଗୋପୀନାଥ ବାରିକ, ଗୋଲକ ପ୍ରସାଦ ସାହୁ, ଭ୍ରମର ରାଉତ, ରବୀନ୍ଦ୍ର ନାଥ ରଥ, ଦିବାକର ଜେନା, ନିରଞ୍ଜନ ଜେନା, ଦ୍ୱିଜେନ୍ଦ୍ର ନାଥ ଚାଟାର୍ଜୀ ପ୍ରମୁଖ ଯୋଗ ଦେଇଥିଲେ।

### ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ, ବିଜେଡିର ଆନ୍ଦୋଳନ ଚେତାବନୀ

**ଖଣ୍ଡପଡ଼ା, ୨୯।୭ (ସ୍ୱ.ପ୍ର.):** ଖଣ୍ଡପଡ଼ା ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ଲୋକଙ୍କୁ ଅତିଷ୍ଠ କରିଛି। ଅଭିଯୋଗ ସତ୍ତ୍ୱେ ଏହାର ପ୍ରତିକାର ହେଉନି। ଏହାର ପ୍ରତିବାଦରେ ବ୍ଲକ ବିଜେଡି ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଏ ନେଇ ଦଳ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଦଳୀୟ କର୍ମୀମାନେ ଖଣ୍ଡପଡ଼ା ମଧୁବନସ୍ଥିତ ସେସୁ କାର୍ଯ୍ୟାଳୟରେ କର୍ତ୍ତୃପକ୍ଷଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ବ୍ଲକ ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରାଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର କର୍ମୀ ଏଥିରେ ସାମିଲ ହୋଇଥିଲେ। ଦଳର ଏଭଳି ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିବା ସହ ଏହାକୁ ସମର୍ଥନ ଦେବେ ବୋଲି ସୂଚନା ମିଳିଛି। ବିଦ୍ୟୁତ ସେବାରେ ସୁଧାର ନ ଆସିଲେ ଯୁବ ବିଜେଡି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି।

